# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଝାରସୁଗୁଡ଼ା
## (ଭୂ-ଅର୍ଜନ ବିଭାଗ)

ବିଜ୍ଞପ୍ତି ସଂଖ୍ୟା: ୪୧୭୫ / ତା: ୨୦.୦୩.୨୦୨୬

ଏତଦ୍ଵାରା ତିଲେଇମାଲ ଗ୍ରାମବାସୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଝାରସୁଗୁଡ଼ା ଜିଲ୍ଲାର ଝାରସୁଗୁଡ଼ା ତହସିଲ ଅନ୍ତର୍ଗତ ତିଲେଇମାଲ ଗ୍ରାମରେ " **ଦର୍ଲିପାଲି ସୁପର ଥର୍ମାଲ ପାୱାର ପ୍ଲାଣ୍ଟ, ଏନ. ଟି. ପି. ସି. ଙ୍କ ଦ୍ଵାରା ପାଉଁଶ ବନ୍ଧ ନିର୍ମାଣ ନିମନ୍ତେ**" ଭୂମି ଅଧିଗ୍ରହଣ ପାଇଁ ଓଡିଶା ରାଜ୍ୟ ସାମାଜିକ ପ୍ରଭାବ ଆକଳନ ୟୁନିଟର (Odisha State SIA Unit, NCDS, Bhubaneswar), ସହଯୋଗରେ M/s Geoenvitech Research & Consultancy Services Pvt Ltd, Bhubaneswar ଦ୍ଵାରା ଏକ ପ୍ରାରୂପି ସାମାଜିକ ପ୍ରଭାବ ଆକଳନ ବିବରଣୀ (Draft SIA Report) ପ୍ରସ୍ତୁତ କରାଯାଇଅଛି । ଉକ୍ତ ବିବରଣୀ ସମ୍ବନ୍ଧରେ ପ୍ରକଳ୍ପ ପ୍ରଭାବିତ ଗ୍ରାମବାସୀ ମାନଙ୍କ ସୁଚିନ୍ତିତ ମତାମତ ନେବା ପାଇଁ ଆସନ୍ତା ତା: **୦୮.୦୪.୨୦୨୬** ରିଖ, ଦିବା **୧୦:୦୦** ଘଟିକା ସମୟରେ ତିଲେଇମାଲ ଗ୍ରାମର "ମୁଣ୍ଡାଡିପା ଖେଳପଡିଆ (ପ୍ଲଟ ନ. ୪୪୫)" ରେ **ଅତିରିକ୍ତ-ଜିଲ୍ଲାପାଳ (ରାଜସ୍ଵ), ଝାରସୁଗୁଡା** ଙ୍କ ସଭାପତିତ୍ଵ ରେ ଜନଶୁଣାଣି ସଭା ଆୟୋଜିତ ହେବାର ସ୍ଥିରିକୃତ ହୋଇଅଛି । ପ୍ରକଳ୍ପ ପ୍ରଭାବିତ ଗ୍ରାମବାସୀମାନେ ଉକ୍ତ ଜନଶୁଣାଣୀ ସଭାରେ ଉପସ୍ଥିତ ରହି ସାମାଜିକ ପ୍ରଭାବ ଉପରେ ନିଜ ନିଜର ମତାମତ ଉପସ୍ଥାପନା କରିପାରିବେ । ସାମାଜିକ ଆକଳନ ବିବରଣୀ (SIA Report) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଝାରସୁଗୁଡା, ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଝାରସୁଗୁଡା, ତହସିଲ କାର୍ଯ୍ୟାଳୟ, ଝାରସୁଗୁଡା ଏବଂ ଲୋଇସିଂହ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଉପଲବ୍ଧ ଅଛି ।

ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ଵ)
ଝାରସୁଗୁଡ଼ା

ଜ୍ଞାପକ ସଂଖ୍ୟା: ୪୧୭୬ /ତା: ୨୦.୦୩.୨୦୨୬

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ଝାରସୁଗୁଡ଼ା, ପ୍ରକଳ୍ପ ନିର୍ଦ୍ଦେଶକ (ପୁନଃର୍ବାସ ଓ ଥଇଥାନ), ଝାରସୁଗୁଡ଼ା, ତହସିଲଦାର, ଝାରସୁଗୁଡ଼ା, ସରପଞ୍ଚ, ଲୋଇସିଂହ ଗ୍ରାମପଞ୍ଚାୟତଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଏବଂ ଜନଶୁଣାଣୀ ସଭାରେ ଯୋଗଦେବା ପାଇଁ ଅନୁରୋଧ କରାଗଲା । ସରପଞ୍ଚ , ଲୋଇସିଂହ ଙ୍କୁ ସଂପୃକ୍ତ ଗ୍ରାମରେ ଜନସାଧାରଣଙ୍କ ଅବଗତି ଓ ବହୁଳ ପ୍ରସାରଣ ନିମନ୍ତେ ସୁବ୍ୟବସ୍ଥା କରିବା ପାଇଁ ମଧ୍ୟ ଅନୁରୋଧ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ଵ)
ଝାରସୁଗୁଡ଼ା

ଜ୍ଞାପକ ସଂଖ୍ୟା: ୪୧୭୭ /ତା: ୨୦.୦୩.୨୦୨୫

ଏହାର ଏକକିତା ନକଲ ସଂଯୋଜକ ସମନ୍ୱୟକାରୀ ସଂସ୍ଥା, ନବକୃଷ୍ଣ ଚୌଧୁରୀ ସେଣ୍ଟର୍ ଫର୍ ଡେଭଲପମେଣ୍ଟ ଷ୍ଟଡିଜ୍, ଭୁବନେଶ୍ୱର ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ)
ଝାରସୁଗୁଡ଼ା

ଜ୍ଞାପକ ସଂଖ୍ୟା: ୪୧୭୮ /ତା: ୨୦.୦୩.୨୦୨୫

ଏହାର ଏକକିତା ନକଲ Addl. General Manger (HR), NTPC Ltd., Darlipali STPP ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ SDPO, ବ୍ରଜରାଜନଗର ଓ ଥାନା ଭାରପ୍ରାପ୍ତ ଅଧିକାରୀ, ବ୍ରଜରାଜନଗର ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଏବଂ ଜନଶୁଣାଣୀ ସଭାରେ ଉପସ୍ଥିତ ରହି ସଭାରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଅନୁରୋଧ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ)
ଝାରସୁଗୁଡ଼ା

ଜ୍ଞାପକ ସଂଖ୍ୟା: ୪୧୭୯ /ତା: ୨୦.୦୩.୨୦୨୫

ଏହାର ଏକକିତା ନକଲ ସହିତ ପ୍ରାରୂପି ସାମାଜିକ ପ୍ରଭାବ ଆକଳନ ବିବରଣୀ (Draft SIA Report) DeGM, NIC, Jharsuguda ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । DeGM, NIC, Jharsuguda ଙ୍କୁ ଝାରସୁଗୁଡା ଜିଲ୍ଲାର ୱେବସାଇଟରେ ଜନସାଧାରଣଙ୍କ ଅବଗତି ଓ ବହୁଳ ପ୍ରସାରଣ ନିମନ୍ତେ Upload କରିବା ପାଇଁ ମଧ୍ୟ ଅନୁରୋଧ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ)
ଝାରସୁଗୁଡ଼ା

ଜ୍ଞାପକ ସଂଖ୍ୟା: ୪୧୮୦ /ତା: ୨୦.୦୩.୨୦୨୫

ଏହାର ଏକକିତା ନକଲ ସହିତ ପ୍ରାରୂପି ସାମାଜିକ ପ୍ରଭାବ ଆକଳନ ବିବରଣୀ (Draft SIA Report) ଅତିରିକ୍ତ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ,ଓଡ଼ିଶା, ଭୁବନେଶ୍ୱର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ରାଜ୍ୟର ବିଭାଗୀୟ ୱେବସାଇଟରେ ଜନସାଧାରଣଙ୍କ ଅବଗତି ଓ ବହୁଳ ପ୍ରସାରଣ ନିମନ୍ତେ Upload କରିବା ପାଇଁ ମଧ୍ୟ ଅନୁରୋଧ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ)
ଝାରସୁଗୁଡ଼ା